ଯଶସ୍ୱୀଙ୍କ କଥା ମାନୁନାହାନ୍ତି

# ଟାଙ୍କି ଖାଲି; ସେପଟେ ବିଜେପିର ରାଲି

**ଭବାନୀପାଟଣା, ୧୩।୫(ସମିସ)**

ଇରାନ ଯୁଦ୍ଧ ଭାରତ ବର୍ଷରେ ଦରଦାମ ବୃଦ୍ଧିର କାରଣ ସାଜିଛି। ପ୍ରଥମେ ଗ୍ୟାସ୍ ଏବେ ପେଟ୍ରୋଲ ଓ ଡିଜେଲର ସଙ୍କଟ ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଏମିତିକି ପରିବହନ ବ୍ୟବସ୍ଥା ବିପର୍ଯ୍ୟସ୍ତ ଆଡ଼କୁ ମୁହାଉଁଛି। କୋରାନାକାଳର



ଭାଇରସ ଭୟ ନୁହେଁ ପେଟ୍ରୋଲ ଓ ଡିଜେଲର କ୍ରାଇସସ ପରିସ୍ଥିତିକୁ ବିଗାଡୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପେଟ୍ରୋଲ ଓ ଡିଜେଲ ବ୍ୟବହାର କମାନ୍ତୁ। ଇ-ଯାନ ଓ ପବ୍ଲିକ ଟ୍ରାନ୍ସପୋର୍ଟକୁ ଗୁରୁତ୍ୱ ଦିଅନ୍ତି ବୋଲି ଅପିଲ କରିଛନ୍ତି। କିନ୍ତୁ ଆଜି ଭବାନୀପାଟଣାରେ ତାହାର ଏକ ପ୍ରକାର ପରିଲକ୍ଷିତ ହୋଇଛି। ରାଜ୍ୟ ଯୁବ ମୋର୍ଚ୍ଚା ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ବିଜେପି ପକ୍ଷରୁ ବିରାଟ ରାଲି ସହର ପରିକ୍ରମା କରିଥିଲା। ସର୍କିଟ୍ ହାଉସଠାରୁ ରାଲି ବାହାରି ଟାଉନ ହଲରେ ପହଞ୍ଚିଥିଲା। ରାଲିରେ ଶତାଧିକ ବାଇକରେ ଯୁବ କର୍ମୀମାନେ ନାରାବାଜି ଦେଇ ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କୁ ସ୍ୱାଗତ କରିଥିଲେ। କଥା ହେଲା ଦଳର ଯଶସ୍ୱୀ ପ୍ରଧାନମନ୍ତ୍ରୀ ତେଲ ବ୍ୟବହାର ଉପରେ ରୋକ୍ ଲଗାନ୍ତୁ। କିନ୍ତୁ ବିଡ଼ମ୍ବନାର ବିଷୟ ନିଜ ଦଳରେ ହିଁ କେହି ସେ କଥା ନମାନି ବିରାଟ ରାଲି ବାହାର କରିବା ଦୁର୍ଭାଗ୍ୟଜନକ ବୋଲି ଅନେକ ସମାଲୋଚନା କରିଛନ୍ତି। ପରିବହନ ମନ୍ତ୍ରୀ କହୁଛନ୍ତି ମୁଁ ଏଣିକି ସରକାରୀ ବସ୍‌ରେ ଯିବି। ଆଉ ଜଣେ ମନ୍ତ୍ରୀ କହିଲେଣି ଇ-ଯାନ ଉପରେ କେବଳ ଭରସା କରିବି। ରାଲି ବାହାର କରି ତେଲ ନଷ୍ଟ କରିବା କେତେଦୂର ସମିଚୀନ ତାହା ଜନସାଧାରଣ ବିଚାର କରିବେ। ଭବାନୀପାଟଣା ସହର ଦୁଇ ପ୍ରମୁଖ ଛକରେ ଥିବା ପେଟ୍ରୋଲ ଟାଙ୍କି ତେଲ ଅଭାବରୁ ବନ୍ଦ ହୋଇଛି। ଅନ୍ୟ ଟାଙ୍କି ଗୁଡିକରେ ପ୍ରବଳ ଭିଡ ଜମୁଛି। ଧର୍ମଗଡ଼ରେ ମଧ୍ୟ ସମାନ ସ୍ଥିତି। ତେଲ ଅଭାବରୁ ଟାଙ୍କିରେ ସମସ୍ତଙ୍କୁ ତେଲ ଯୋଗାଇବା ସମ୍ଭବ ହେଉନାହିଁ।

ଧର୍ମଗଡ଼ରେ ପେଟ୍ରୋଲ ସଙ୍କଟ

## ବିଭିନ୍ନ ପେଟ୍ରୋଲ ପମ୍ପରେ ଲମ୍ବା ଲାଇନ୍

**ଧର୍ମଗଡ଼, ୧୩।୫(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଞ୍ଚଳରେ ପେଟ୍ରୋଲ ସଙ୍କଟ ଦେଖାଦେଇଛି। ସହର ଓ ଆଖ ପାଖର ବିଭିନ୍ନ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଶେଷ ହୋଇଯାଇଥିବାରୁ ଯାନ ଚାଳକମାନେ ହଇରାଣ ହେଉଛନ୍ତି। କେତେକ ପମ୍ପରେ 'ପେଟ୍ରୋଲ ନାହିଁ' ବୋର୍ଡ ଲଗାଯାଇଥିବା ବେଳେ, କିଛି ପମ୍ପରେ ସୀମିତ ପରି ମାଣରେ ତେଲ ଯୋଗାଣ ହେଉଥିବାରୁ ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। ବିଶେଷ କରି ଦୈନିକ କାମକାଜ ପାଇଁ ବାଇକ୍ ଓ ଚାରିଚକିଆ ଯାନ ବ୍ୟବହାର କରୁଥିବା ଲୋକମାନେ ଅଧିକ ସମସ୍ୟାରେ ପଡ଼ିଛନ୍ତି। ଅନେକ ଯାନଚାଳକ ପେଟ୍ରୋଲ ପାଇଁ ଗୋଟିଏ ପମ୍ପରୁ ଅନ୍ୟ ପମ୍ପକୁ ଘୁରୁଥିବା ଦେଖାଯାଇଛି। କେତେକ ସ୍ଥାନରେ ପେଟ୍ରୋଲ ସରିଯିବା ପରେ ଗ୍ରାହକ ଓ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ମଧ୍ୟ ହୋଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଗତ କିଛି ଦିନ ଧରି ଯଥେଷ୍ଟ ପରିମାଣରେ ତେଲ ଯୋଗାଣ ହେଉନଥିବାରୁ ଏହି ପରିସ୍ଥିତି ଉପୁଜିଛି। ତେବେ ସମସ୍ୟା କେବେ ସମାଧାନ ହେବ ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ପେଟ୍ରୋଲ ସଙ୍କଟ ଯୋଗୁଁ ସାଧାରଣ ଜନଜୀବନ ଉପରେ ପ୍ରଭାବ ପଡୁଥିବା ବେଳେ, ତୁରନ୍ତ ତେଲ ଯୋଗାଣ ସ୍ୱାଭାବିକ କରିବାକୁ ଦାବି ଜୋର ଧରିଛି।



ନିଟ୍ ୟୁଜି ପ୍ରଶ୍ନ ପ୍ରଘଟ ଓ ପରୀକ୍ଷା ବାତିଲ ପ୍ରସଙ୍ଗ

## କଳାହାଣ୍ଡି ଯୁବ-ଛାତ୍ର ବିଜେଡିର ବିକ୍ଷୋଭ




**ଭବାନୀପାଟଣା, ୧୩।୫ (ସମିସ):** ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ୍) ୟୁଜି ପରିକ୍ଷାର ପ୍ରଶ୍ନ ପତ୍ର ପ୍ରଘଟ ଓ ପରୀକ୍ଷା ବାତିଲ ପ୍ରସଙ୍ଗକୁ ନେଇ ବୁଧବାର କଳାହାଣ୍ଡି ଜିଲ୍ଲା ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ସ୍ଥାନୀୟ ଗାନ୍ଧିଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଷ୍ଟ୍ରୀୟ ପରୀକ୍ଷା ଏଜେନ୍ସି ନିଟ୍ ପରୀକ୍ଷାର ଦାୟିତ୍ୱ ନେଇଥିବା ବେଳେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ହେବା ସହ ଅନିୟମିତତା ସାମନାକୁ ଆସିବା ପରିକ୍ଷାର ସ୍ୱଚ୍ଛତା ଓ ପାରଦର୍ଶିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚଳିତ ବର୍ଷ ଗତ ମେ ୩ରେ ପରୀକ୍ଷା ଦେଇଥିବା ପ୍ରାୟ ୨୨ଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଏବେ ଅନିଶ୍ଚିତତା ଭିତରେ ରହିଥିବାରୁ ଏହି ଘଟଣାରେ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଯୁବ ଓ ଛାତ୍ର ବିଜେଡି ଦାବି କରିଛି। ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ, ନିଟ୍ ପରିକ୍ଷାରେ ସ୍ୱଚ୍ଛତା ଓ ଜବାବଦେହିତା ଆଣିବା, ନିଷ୍ପକ୍ଷ ତଦନ୍ତ କରି ପେପର ଲିକ୍ ଘଟଣାରେ ରହି ଥିବା ଅଧିକାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆଦି ଦାବି କରାଯାଇଛି। ବିକ୍ଷୋଭ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଗୋବର୍ଦ୍ଧନ ଦାସ, ରାଜ୍ୟ ବିଜେଡି ସମ୍ପାଦକ ଆଦିତ୍ୟ ନନ୍ଦ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପସଭାପତି ମନିନ୍ଦ୍ର ମହାନ୍ତି, ମହିଳା ସଭାନେତ୍ରୀ ସବିତା ପ୍ରଧାନ, ଦୀନେଶ ବଗର୍ତି, ଶିବା ସାହୁ, ଗୋବିନ୍ଦ ତାଣ୍ଡି, ଭୋଳାନାଥ ନାଗ, ମାନସ ସିନ୍ଦୂର, ଶ୍ରୀଚନ୍ଦନ ନାଏକ, ପ୍ରଦୀପ ସାହୁ, ଶୈଳେଶ ବିଶି, ମିଥୁନ ସାହୁ, ଘାସିରାମ ସାହୁ, ପ୍ରତିଭା ଚୌହାନ, ପୀତବାସ ବେହେରା, ସୁତପ ବହିଦାର ପ୍ରମୁଖ ଯୋଗ ଦେଇଥିଲେ।

## ବାଇକ୍‌ରୁ ଖସିପଡ଼ି ମହିଳାଙ୍କ ମୃତ୍ୟୁ

**କୋକସରା, ୧୩।୫ (ସମିସ):** ୨୬ ନମ୍ବର ଜାତୀୟ ରାଜପଥର କୋକସରା ଥାନା ମୋଟେର ପେଟ୍ରୋଲ ପମ୍ପ ନିକଟରେ ବାଇକ୍‌ରୁ ଖସିପଡ଼ି ଜଣେ ୫୫ ବର୍ଷିୟା ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ମହିଳା ଜଣକ ଜୟପାଟଣା ଅଞ୍ଚଳର ହେମାବାଇ କୈବର୍ତ୍ତ। ସୂଚନା ଅନୁଯାୟୀ, ମଙ୍ଗଳବାର ଦିନ ହେମାବାଇ ଓ ତାଙ୍କ ପୁଅ କାର୍ତ୍ତିକ କୈବର୍ତ୍ତ ଜୁନାଗଡ଼ରୁ କୌଣସି କାମ ସାରି ନିଜ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ତେବେ ମୋଟେର ପେଟ୍ରୋଲ ପମ୍ପ ନିକଟରେ ହେମାବାଇ ବାଇକ୍‌ରୁ ଅସାବଧାନତା ବଶତଃ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ କୋକସରା ମେଡିକାଲରେ ଭର୍ତ୍ତି କରାଯାଇଥିଲା, ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୋକସରା ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିଥିଲେ। ଏବଂ ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## କେସିଙ୍ଗା ହୋଇ ସପ୍ତାହକୁ ତିନି ଦିନ ଚାଲିବ ପୁରୀ କୋରାପୁଟ ଏକ୍ସପ୍ରେସ୍

**କେସିଙ୍ଗା, ୧୩।୫(ସମିସ):** ଅଞ୍ଚଳବାସୀଙ୍କ ଦୀର୍ଘ ଦଶନ୍ଧିର ଦାବି ଓ ସାଂସଦଙ୍କ ହସ୍ତକ୍ଷେପ ପରେ ଶେଷରେ ଦାବି ପୂରଣ କରିଛି ରେଳବିଭାଗ। ରେଳ ବିଭାଗର ଚିଠି ସଂଖ୍ୟା ସିସି ୧୪୫/ ୨୦୨୬ ତାରିଖ ୧୩.୫ .୨୦୨୬ ଅନୁଯାୟୀ ରେଳ ବିଭାଗ ଜଗନ୍ନାଥଧାମ ପୁରୀ ଠାରୁ କୋରାପୁଟ ପର୍ଯ୍ୟନ୍ତ ନୂତନ ଟ୍ରେନ ଚଳାଚଳ ପାଇଁ ନିଷ୍ପତ୍ତି ନିଆଯାଇଛି। କେସିଙ୍ଗା ହୋଇ ସପ୍ତାହକୁ ତିନି ଦିନ ଚାଲିବ ରେଳ ବିଭାଗ ଚିଠି ଅନୁଯାୟୀ ପୁରୀରୁ ସୋମବାର, ଗୁରୁବାର, ଶନିବାର ଦିନ ଟ୍ରେନ ବାହାରିବ ଓ କୋରାପୁଟରୁ ମଙ୍ଗଳବାର, ଶୁକ୍ରବାର, ରବିବାର ଦିନ ଧାର୍ଯ୍ୟ ହୋଇଛି। କେସିଙ୍ଗାର କଳାହାଣ୍ଡି ଜିଲ୍ଲା ରେଳଯାତ୍ରୀ ସଂଘ, ସଚେତନ ନାଗରିକ ମଞ୍ଚ, କେସିଙ୍ଗା ସାମ୍ବାଦିକ ମହାସଂଘ ସମେତ ବିଭିନ୍ନ ସଂଗଠନର ଦୀର୍ଘଦିନର ଲଢ଼େଇରେ ଶେଷରେ ବିଜୟ ହୋଇଛନ୍ତି କେସିଙ୍ଗା ଅଞ୍ଚଳବାସୀ। କଳାହାଣ୍ଡି ରେଳ ଯାତ୍ରୀ ସଂଘର ମୁଖ୍ୟ ପରାମର୍ଶଦାତା ଡାକ୍ତର ହେମସାଗର ସାହା ରେଳମନ୍ତ୍ରୀ ଅଶ୍ୱୀନୀ ବୈଷ୍ଣବ, ସାଂସଦ ମାଳବିକା ଦେବୀଙ୍କୁ ଧନ୍ୟବାଦ୍ ଅର୍ପଣ କରିଛନ୍ତି।

ନ୍ୟାୟ ପାଇଁ ପୋଷ୍ଟକାର୍ଡ ଅଭିଯାନ

## କୋକସରାରେ ଉଗ୍ର ହେଉଛି ଚାଷୀ ଆନ୍ଦୋଳନ

**କୋକସରା, ୧୩।୫ (ସମିସ) :** ରକ୍ତକୁ ପାଣି କରି ଫସଲ ଅମଳ କରିବା ପରେ ବି ସରକାରଙ୍କ ପାତରଅନ୍ତର ନୀତି ଯୋଗୁଁ ମଣ୍ଡିରେ ଧାନ ବିକିବା ପାଇଁ ସୁଯୋଗ ପାଉନାହିଁ ଚାଷୀ। ପଞ୍ଜୀକରଣ ସୁବିଧାରୁ ବଞ୍ଚିତ ହୋଇ ଅନ୍ନଦାତା ଆଜି ନିରୁପାୟ। ପି-ପାସ ପୋର୍ଟାଲ ଖୋଲିବା ଓ ପଞ୍ଜୀକରଣ ଦାବିରେ କୋକସରାଠାରେ ଗତ ୬ ଦିନ ହେଲା ଗଣଧାରଣା ଜାରି ରହିଥିବା ବେଳେ, ଏବେ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟଙ୍କ ମୁଖ୍ୟ ବିଚାରପତିଙ୍କୁ ଚାଷୀମାନେ ପୋଷ୍ଟ କାର୍ଡ ପଠାଇଛନ୍ତି। କୋକସରା କୃଷକ ସଚେତନ ମଞ୍ଚର ସଭାପତି ଚାଷୀନେତା ଶିବ ପ୍ରସାଦ ପ୍ରଧାନୀଙ୍କ ନେତୃତ୍ୱରେ ଅଞ୍ଚଳର ଶତାଧିକ ଚାଷୀ ପୋଷ୍ଟକାର୍ଡ ପଠାଇଛନ୍ତି। ସୂଚନା ଯେ' ଇନ୍ଦ୍ରାବତୀ ମେଗା ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ଚାଷ କରିଥିବା କୋକସରା, ଜୟପାଟଣା ଓ ଧର୍ମଗଡ଼ ଅଞ୍ଚଳର ଚାଷୀଙ୍କ ପାଇଁ ପି-ପାସ ପୋର୍ଟାଲରେ ବିକଳ୍ପ ଆସି ନଥିବାରୁ ଚାଷୀମାନେ ନିଜ ନାମ ପଞ୍ଜୀକରଣ କରିପାରି ନାହାଁନ୍ତି, ଏହାକୁ ନେଇ ଅନେକ ଦାବିପତ୍ର ଓ ଗତ ୮ ତାରିଖରେ କୋକସରା ଠାରେ ହଜାର ହଜାର ଚାଷୀ ଜାତୀୟ ରାଜପଥ ଅବରୋଧ କରି ପ୍ରତିବାଦ ଜଣାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଇ ନାହିଁ। ଯାହାକୁ ନେଇ ଇନ୍ଦ୍ରାବତୀ ଉଠାଜଳସେଚନ ପ୍ରକଳ୍ପ ଚାଷୀ ସଂଘ ପକ୍ଷରୁ କୋକସରା ଠାରେ ଗତ ୬ଦିନ ହେଲା ଗଣଧାରଣାରେ ବସିଛନ୍ତି। ବୁଧବାର କୋକସରା କୃଷକ ସଚେତନ ମଞ୍ଚ ପକ୍ଷରୁ ସରକାରଙ୍କ ଉଦାସୀନତାକୁ ଦେଖି ଅଭିନବ ପ୍ରୟାସ କରାଯାଇଛି। କୋକସରା ପୋଷ୍ଟ ଅଫିସ ନିକଟରେ ଅଞ୍ଚଳର ଚାଷୀମାନେ ଏକତ୍ରିତ ହୋଇ ନିଜର ଦୁଃଖ ଓ ଦାବି ସମ୍ପର୍କରେ ଉଲ୍ଲେଖ କରି ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କୁ ପୋଷ୍ଟ କାର୍ଡ ପଠାଇଛନ୍ତି। ଗୋଟିଏ ପଟେ ସରକାର ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା କଥା କହୁଥିବା ବେଳେ, ମେଗା ଉଠାଜଳସେଚନ ପ୍ରକଳ୍ପ ଅଞ୍ଚଳର ଚାଷୀମାନଙ୍କ ପ୍ରତି ସରକାର ପାତରଅନ୍ତର ନୀତି ଆପଣାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କୃଷକ ସଚେତନ ମଞ୍ଚ କୋକସରା, ସଭାପତି ଶିବ ପ୍ରସାଦ ପ୍ରଧାନୀଙ୍କ ସମେତ ଗୋବର୍ଦ୍ଧନ ବାଗ, ମିନିକେତନ ପ୍ରଧାନୀ, ଘନଶ୍ୟାମ ନାଏକ, ପ୍ରକାଶ ଚୌଧୁରୀ, ମନିଜୋର ପୋଡ଼, ଭୁବନେ ମାଝୀ, ହରେକୃଷ୍ଣ ନାଏକ, ହେମନ୍ତ ପ୍ରଧାନୀ, ସୁବାସ ଗହୀର, ବିଜୟ କୁମାର ସାହୁ, ନାରାୟଣ ପ୍ରଧାନୀ, ସିଦ୍ଧେଶ୍ୱର ନାଏକ, ରମେଶ ଶବର, ପାର୍ଥ ଗୋପାଳ, ଧନେଶ୍ୱର ପଣ୍ଡା, ଗିରିଧାରୀ ବିଶି, କେଶବ ବିଶି ସମେତ ଅନେକ ଚାଷୀ ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟଙ୍କ ମୁଖ୍ୟ ବିଚାରପତିଙ୍କୁ ପୋଷ୍ଟ କାର୍ଡ ପ୍ରେରଣ କରିଥିଲେ।




ସଗରିଆ ଯାଦବ ବଂଶର ଐତିହାସିକ ଘୋଡା ଦାନ ପର୍ବ

## ୧୨ ବର୍ଷ ପରେ ଏକତ୍ରିତ ସହସ୍ରାଧିକ ଯାଦବ

**ନୂଆପଡ଼ା/କୋମନା(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ରଜନାଗାଁରେ ସଗରିଆ ଯାଦବ ବଂଶର ପାରମ୍ପରିକ ଘୋଡାଦାନ ପର୍ବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୨ ବର୍ଷ ପରେ ପରମ୍ପରା ଅନୁଯାୟୀ ହଜାର ହଜାର ସଂଖ୍ୟାରେ ଯାଦବ ଗୋଟିଏ ମଞ୍ଚ ତଳେ ଠୁଳ ହୋଇଗଲେ। ରଜନା ଗାଦିରୁ ପ୍ରଥମକରି ଇଶ୍ୱର ବାଗଙ୍କୁ ୧୮୨୨ ମସିହାରେରେ ଘୋଡାଦାନ କରା ଯାଇଥିଲା। ଇଶ୍ୱର ବାଗ ଘୋଗିଆଙ୍କ କୈଶୋର ଅବସ୍ଥାରେ ମାତୃପିତୃ ହୀନ ହୋଇଯାଇଥିଲେ। ଶଗରିଆ ବଂଶର ପୂର୍ବଜମାନେ ତାଙ୍କର ଲାଳନ ପାଳନ କରିଥିଲେ। ତତ ପରେ ଇଶ୍ୱର ବାଗଙ୍କ ବିବାହ ବୟସ ହେବାରୁ ବଲାଙ୍ଗିର ଜିଲ୍ଲାସ୍ଥିତ ବୋରୋମାଳ ଗାଁ ର ପାତ୍ରୀ ଦେଖି ବିବାହ କରାଇ ଦେଲେ। ବିବାହ ସମୟରେ ବିଭିନ୍ନ ପ୍ରକାର ସାମଗ୍ରୀ ଦିଆଯାଇଥାଏ, ତାହା ସହିତ ଏକ ଘୋଡ଼ାଦାନ ଦିଆଯାଇଥିଲା। ଘୋଗିଆମାନଙ୍କ ଜୀବନ ଜୀବିକା କହିଲେ ଦାନ ନେବା, ଯାଦବ ସମାଜର ବ୍ୟକ୍ତିଙ୍କ ନିମିତ୍ତ ଦାନ ଗ୍ରହଣ କରିବା। ପର୍ବର ପ୍ରଥମ ଦିନ ଅଷ୍ଟପ୍ରହର ନାମ ଯଜ୍ଞ ଆୟୋଜନ କରାଯାଇଥିଲା। ପରେ ଦ୍ୱିତୀୟ ଦିନ ସକାଳେ ସମସ୍ତ ବଂଶର ଲୋକ ଏକତ୍ର ହୋଇ ଭୂଗିଆଙ୍କୁ ବନ୍ଦାପନା କରି ଘୋଡା ଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଚଞ୍ଚଳ ସଗରିଆ ଅଧକ୍ଷତା କରିଥିବା ବେଳେ ବିଶିଷ୍ଟ ଅତିଥି ଭାବେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲା ସଭାପତି ହରେରାମ କଠାରଙ୍କ ସମେତ ସମାଜର ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥିଭାବେ ନୂଆପଡ଼ା ବିଧାୟିକ ଜୟ ଢୋଲକିଆ, ମୁଖ୍ୟବକ୍ତା ଭାବରେ ପୂର୍ବତନ ଜିଲ୍ଲା ସଭାପତି ହରେରାମ କଠାର, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ କୁମାର ବଗର୍ତି, ଉତ୍କଳ ଯାଦବ ମହାସଭା ଉପସଭାପତି ଲମ୍ବୋଦର ନିଆଲ, ଉତ୍କଳ ଯାଦବ ମହାସଭା ସମ୍ପାଦକ ତ୍ରିଲୋଚନ ନାଗ, ଜିଲ୍ଲା ସଭାପତି ଭରତଲାଲ ରାଉତ, ଚାରଗଡ଼ ସଭାପତି କେନ୍ଦୁରାମ ଯାଦବ, ସଗରିଆ ବଂଶ କୁଳଗୁରୁ ନାରାୟଣ ଦାସ, ମାର୍ଗଦର୍ଶକ ବିହାରି ଶଗରିଆ, ସମାଜସେବୀ ଘନଶ୍ୟାମ କରୁଆଁ, ରଜନା ସମିତି ସଭ୍ୟା ଭୂମିସୁତା ଶଗରିଆ ପ୍ରମୁଖ ସମସ୍ତ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛବି ପୋଡ, ଅତିରିକ୍ତ ତହସିଲଦାର ବଙ୍ଗୋମୁଣ୍ଡା, ଅରକ୍ଷିତ ଶଗରିଆ, ତୁକାରାମ ଶଗରିଆ, ଭିତର ଶଗରିଆ, ଉପଦେଷ୍ଟା, ଘେନୁ ଶଗରିଆ, ତ୍ରିନାଥ ପୁଞ୍ଜି, ସମ୍ପାଦକ, ଜିଲ୍ଲା ଯାଦବ ସମାଜ ନୂଆପଡ଼ା, ଯୁଧିଷ୍ଠିର ଶଗରିଆ, ସୁରେଶ ବାଗ, କିଶୋର ଚନ୍ଦ୍ର କଠାର, ସତ୍ୟବ୍ରତ ଗହିର, କୃଷ୍ଣଚନ୍ଦ୍ର ଖର୍ସେଲ, ଯୋହନ ରାଉତ, ତାରାଚନ ଥପା, ସଭାପତି, ଯୋଗେନ୍ଦ୍ର ବାଗ, କିର୍ତ୍ତନ ପୋଡ଼, ଜିତେନ୍ଦ୍ର ଗହୀର ପ୍ରମୁଖ ଯୋଗ ଦେଇଥିଲେ।




## କୂଅରୁ ଭାଲୁ ଉଦ୍ଧାର କଲା ଅଗ୍ନିଶମ ବିଭାଗ



**ଧର୍ମଗଡ଼, ୧୩।୫(ସମିସ):** ଧର୍ମଗଡ଼ ବ୍ଲକ ବଡଘୁମର ପଞ୍ଚାୟତ ଖମାରଗୁଡା ଶିବମନ୍ଦିର ପରିସରରେ ଥିବା କୂଅରେ ପଡ଼ିଥିବା ଏକ ଭାଲୁକୁ ଉଦ୍ଧାର କରିଛି ଅଗ୍ନିଶମ ଓ ବନ ବିଭାଗ। ପ୍ରାପ୍ତ ସୂଚନା ଅନୁସାରେ ବିଳମ୍ବିତ ରାତିରେ ଭାଲୁ ଖାଦ୍ୟ ଅନ୍ୱେଷଣରେ ଆସି କୂଅ ଭିତରେ ପଡ଼ି ଯାଇଥିଲା। ଭାଲୁର ଚିତ୍କାର ଗାଁ ଲୋକେ ଶୁଣିବାକୁ ପାଇଥିଲେ। ହେଲେ କେହି ଯିବାକୁ ସାହସ ଜୁଟାଇ ପାରି ନଥିଲେ। ସକାଳେ ସ୍ଥାନୀୟଲୋକେ କୂଅରେ ଭାଲୁ ପଡ଼ିଥିବା ଜାଣିବାକୁ ପାଇ ବନ ବିଭାଗକୁ ଖବର କରିଥିଲେ। ଜଙ୍ଗଲ ବିଭାଗ ପାଖରେ ଖବର ଥିଲେ ହିଁ ଘଟଣା ସ୍ଥଳକୁ ବିଳମ୍ବରେ ଆସିଥିବା ନେଇ ଲୋକଙ୍କ ଭିତରେ ଅସନ୍ତୋଷ ଦେଖା ଯାଇଥିଲା। ପରେ ଅଗ୍ନିଶମ ବିଭାଗ କୁ ଖବର ଦେବା ପରେ ମିଳିତ ଭାବେ ଭାଲୁକୁ ଉଦ୍ଧାର କରି ନିକଟସ୍ଥ କୁହୁଡି ଜଙ୍ଗଲରେ ଛାଡି ଦିଆଯାଇଛି।

## ଗାଁକୁ ଗଡ଼ିଲା 'ଲକ୍ଷ୍ମୀବସ୍'

**ଧର୍ମଗଡ଼, ୧୩।୫(ସମିସ):** ଧର୍ମଗଡ଼ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ ସମୟ ଧରି ଲକ୍ଷ୍ମୀବସ ସେବା ଯୋଗାଇ ଦେବାକୁ ଦାବି ହୋଇ ଆସିଛି। ଶେଷରେ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରି ବସ୍‌ସେବା ଯୋଗାଇ ଦେବାରେ ସଫଳ ହୋଇଛି। ସୂଚନା ଯେ ଧର୍ମଗଡ଼ ବିଜେଡି ବ୍ଲକ ସଭାପତି ଡାକେ ଲହଜଲଙ୍କ ନେତୃତ୍ୱରେ ଦଳ ଜିଲ୍ଲା ଉପସଭାପତି ଥବିର ପ୍ରସାଦ ସାହୁ, ମହିଳା ସଭାନେତ୍ରୀ ମମତା ରାଣୀ ଗୋପାଳ, ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ପ୍ରଣବ ଭଇଁସାଳ ପ୍ରମୁଖ କିଛି ଦିନ ତଳେ ଧର୍ମଗଡ଼ ବିଡ଼ିଓ, ଜିଲ୍ଲାପାଳ ଉପଜିଲ୍ଲାପାଳଙ୍କୁ ଅନେକ ଗାଁ ଲକ୍ଷ୍ମୀବସ୍ ସେବାରୁ ବଞ୍ଚିତ ଥିବା ଜଣାଇଥିଲେ। ତୁରନ୍ତ ବିଚ୍ଛିନ୍ନ ଗ୍ରାମମାନଙ୍କରେ ବସ୍‌ସେବା ତୁରନ୍ତ ଯୋଗାଇ ଦେବାକୁ ଦାବି ରଖିଥିଲେ। ଦାବି ମୁତାବକ ବୁଧବାର ଧର୍ମଗଡ଼ ଠାରୁ ବଡ଼ଫୁର୍ଲାକୁ ଲକ୍ଷ୍ମୀବସ୍ ଗଡ଼ିଛି। ଯାହାକୁ ନେଇ ବଡ଼ ଫୁର୍ଲା ଗ୍ରାମବାସୀ ସମେତ ଅଞ୍ଚଳବାସୀଙ୍କ ଭିତରେ ଖୁସି ଦେଖା ଦେଇଛି। ହେଲେ ଲକ୍ଷ୍ମୀବସ୍ ସେବାରେ ଅନେକ ଗାଁ ବଞ୍ଚିତ ଥିବାରୁ ତୁରନ୍ତ ଜିଲ୍ଲାପାଳ ପଦକ୍ଷେପ ନେବାକୁ ଦାବି ହେଉଛି।

## ଗୋଲାମୁଣ୍ଡାରୁ ନକଟିକାନିକୁ ଗଡ଼ିଲା ଲକ୍ଷ୍ମୀବସ୍



**ଗୋଲାମୁଣ୍ଡା, ୧୩।୫ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ନକଟିକାନୀ ଗାଆଁକୁ ଲକ୍ଷ୍ମୀବସ୍ ଗଡ଼ିଲା ବିଗତ ସରକାର ଏହି ଯୋଜନାକୁ ନଭେମ୍ବର ୧ ତାରିଖ ୨୦୨୩ ମସିହାରେ ଲୋକାର୍ପିତ କରିଥିଲେ। କଳାହାଣ୍ଡିରେ ହେଲେ ବସସେବାରୁ ବଞ୍ଚିତ ହୋଇ ରହିଥିଲେ ନକଟିକାନି ପଞ୍ଚାୟତବାସି। ନକଟିକାନ ପଞ୍ଚାୟତ ହେଉଛି ଏକ ଆଦିବାସୀ ବହୁଳ ଅଞ୍ଚଳ। ବସ୍ ପାଇବାକୁ ସେମାନଙ୍କୁ ୪ କିଲୋମିଟର ଖଳିଆକାନି ଆସିଲେ ବସ୍‌ସେବା ପାଇ ପାରୁଥିଲେ। ଖରା, ବର୍ଷା, ଦିନରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବସ୍ ସେବା ପାଇବା ପାଇଁ ପଞ୍ଚାୟତ ସମ୍ମୁଖରେ ଗଣ ଧାରଣା ଦେଇଥିଲେ। ଜିଲ୍ଲାପାଳ ଙ୍କ ଜନ ଶୁଣାଣି ରେ ମଧ୍ୟ ଅଭିଯୋଗ ଦେଇଥିଲେ ହେଲେ ଫଳାଫଳ ଶୂନ୍ୟ ଶେଷରେ ପୂର୍ବତନ ସରପଞ୍ଚ ଯତୀନ୍ଦ୍ର ସେନାପତି ନିଜେ ଭୁବନେଶ୍ୱର ଯାଇ ଓଡ଼ିଶା ସଡ଼କ ପରିବହନ ବିଭାଗକୁ ଲିଖିତ ଅଭିଯୋଗ ପରେ ଲକ୍ଷ୍ମୀବସ୍ ସେବା ପାଇ ପାରିଛନ୍ତି। ଲକ୍ଷ୍ମୀବସ୍ ସେବା ପାଇ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି।

ବଦଳୁନି ଦାଦନ ଶ୍ରମିକଙ୍କ ଭାଗ୍ୟ

## ଗାଁକୁ ଫେରିଲା ମୃତଦେହ

**ଧର୍ମଗଡ଼, ୧୩।୫(ସମିସ):** ସରକାର ବଦଳିଲେ ବି ବଦଳୁନି ଦାଦନ ଶ୍ରମିକଙ୍କ ଭାଗ୍ୟ। ପେଟପାଟଣା ପାଇଁ ସୁଦୂର ଗୋଆ ଯାଇଥିବା ଜଣେ ଓଡ଼ିଆ ଶ୍ରମିକ ଶେଷରେ ଜୀବନ୍ତ ନୁହେଁ, ବରଂ ଶବ ହୋଇ ନିଜ ଭିଟାମାଟିକୁ ଫେରିଛନ୍ତି। ମୃତ ଶ୍ରମିକ ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ତମ୍ବାଛଡା ଗ୍ରାମର ମାଧବ ଭୋଇ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ତମ୍ବାଛଡା ଗ୍ରାମଟି ସ୍ଥାନୀୟ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀଙ୍କ ନିଜ ଗାଁ ଅଟେ। ପରିବାର ପ୍ରତିପୋଷଣ ପାଇଁ ଗରିବ ମାଧବ ଭୋଇ ଗୋଆକୁ ଦାଦନ ଖଟିବାକୁ ଯାଇଥିଲେ। ସେ ଗୋଆର ଏକ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବା ବେଳେ ରାତିରେ ଖାଇ ଶୋଇଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଚିକିତ୍ସାଳୟକୁ ନିଆଯିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ଠିକା ସଂସ୍ଥାର ମାଲିକ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ତାଙ୍କ ନିଜ ଗାଁ ତମ୍ବାଛଡାକୁ ପଠାଇଛନ୍ତି। ଖୋଦ ବିଧାୟକଙ୍କ ଗାଁରେ ଏଭଳି ଦାଦନ ମୃତ୍ୟୁ ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ରାଜ୍ୟରେ 'ଡବଲ ଇଞ୍ଜିନ' ସରକାର ଦାଦନ ସମସ୍ୟା ରୋକିବା ପାଇଁ ଅନେକ ନିୟମ ଓ ଦାବି କରୁଥିବା ବେଳେ, ବାସ୍ତବ ସ୍ଥିତିରେ ଏହି ନିୟମ ସମ୍ପୂର୍ଣ୍ଣ ଫେଲ ମାରିଥିବା ଅଭିଯୋଗ ହେଉଛି। ନିଜ ନିର୍ବାଚନ ମଣ୍ଡଳୀ ଓ ଗ୍ରାମରେ ରୋଜଗାର ଅଭାବରୁ ଶ୍ରମିକ ବାହାରକୁ ଯାଇ ପ୍ରାଣ ହରାଉଥିବାରୁ ସରକାରୀ ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

■ ସିନାପାଲି ପଞ୍ଚାୟତ ସମିତି ବୈଠକ

## ପାନୀୟଜଳ ସମସ୍ୟା ନେଇ ଆଲୋଚନା




**ସିନାପାଲି, ୧୩।୫(ସମିସ):** ସିନାପାଲି ବ୍ଲକ ସଭା ଗୃହରେ ଅଧକ୍ଷା ମାଧୁରୀ ମାଝୀଙ୍କ ଅଧକ୍ଷତାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହେବା ସହ ପାନୀୟଜଳ ସମସ୍ୟା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ବିଗତ ବର୍ଷମାନଙ୍କରେ ଗ୍ରୀଷ୍ମଋତୁ ରେ ଆବଶ୍ୟକ ସ୍ଥଳେ ନଳକୂପ ଖନନ କରାଯାଇ ପାନୀୟଜଳ ସମସ୍ୟାକୁ ସ୍ୱାଭାବିକ କରାଯାଇଥିଲା। ହେଲେ ଚଳିତ ବର୍ଷ ଅତ୍ୟାବଶ୍ୟକ ସ୍ଥଳେ ମଧ୍ୟ ନଳକୂପ ଖନନ କରାଯାଇ ପାରି ନାହିଁ। ଯାହାକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ପାନୀୟ ଜଳ ସମସ୍ୟା ନେଇ ବିଭାଗ ତଥା ପ୍ରଶାସନ ତତ୍ପରତା ସହ କାର୍ଯ୍ୟ କରିଥିବା ପ୍ରକାଶ ପାଇଥିଲା। ତଥାପି ବିଭିନ୍ନ ଗାଁମାନଙ୍କରେ ପାନୀୟ ଜଳ ସମସ୍ୟା ଦେଖାଦେଇଥିବା ବେଳେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବିଡିଓ କାର୍ମି ଓରାମ, ଉପାଧକ୍ଷା ମୀନା ଘିଭେଲା, ଜିଲ୍ଲାପରିଷଦ ସଦସ୍ୟା ଆଶା ଜୈନ, ପୁଷ୍ପାଞ୍ଜଳି ଗୁଆଲ, ଯଜ୍ଞସେନୀ କଟା, ସାଂସଦ ପ୍ରତିନିଧି ପୁରୁଷମ ମଶ୍ରା ପ୍ରମୁଖ ମଞ୍ଚାସିନ ଥିଲେ। ବୈଠକରେ ସିନାପାଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ତଥା ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଗୋମାଂସ ବିକ୍ରି ଅଭିଯୋଗରେ ଯୁବକଙ୍କୁ ଆକ୍ରମଣ ଘଟଣା

# ପୀଡ଼ିତଙ୍କୁ ଭେଟିଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

**ଜୟପାଟଣା, ୧୩।୫(ସମିସ)**

କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ମୁଖିଗୁଡ଼ା ପଞ୍ଚାୟତର ତାଳଗୁଡ଼ ଗାଁରେ ଗତ ୧ ତାରିଖରେ ଘଟିଥିବା ଅଭାବନୀୟ ଘଟଣାର ଅନୁସନ୍ଧାନ ପାଇଁ ବିଜୁ ଜନତା ଦଳରଉଚ୍ଚସ୍ତରୀୟ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ବୁଧବାର ପୀଡିତଙ୍କ ପରିବାରକୁ ଭେଟିଛନ୍ତି। ଗତ୧.୦୫.୨୦୨୬ ରିଖ ଦିନ ଗୋମାଂସ ଚାଲାଣ କୁ ନେଇ ତାଳଗୁଡ଼ ଗ୍ରାମର ରାଜେଶ ବାଗଙ୍କ ସମେତ ଅନ୍ୟ କିଛି ଯୁବକଙ୍କୁ ଅସାମାଜିକ ଯୁବକଙ୍କ ଦ୍ୱାରା ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ପୀଡିତଙ୍କୁ ଅମାନୁଷିକ ଭାବେ ଶାରୀରିକ ନିର୍ଯାତନା ଦିଆଯାଇଥିଲା। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ଦଳିତ, ଆଦିବାସୀଙ୍କ ପ୍ରତି ବଢୁଥିବା ହିଂସାକୁ ନେଇ ବିଜେଡି ଗଭୀର ଚିନ୍ତା ପ୍ରକଟ କରିଛି। ବିଜେଡି ଦଳର ୨୦ ଜଣିଆ ପ୍ରତିନିଧି ଦଳ ତାଳଗୁଡ଼ଗ୍ରାମ ଗସ୍ତ କରି ପୀଡିତ ପରିବାର ସହ ଆଲୋଚନା କରିଛନ୍ତି। ବିଜେଡି ଜିଲ୍ଲା ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ନିର୍ଦ୍ଦେଶରେ ଟିମ୍‌ରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ବିସିସି ବ୍ୟାଙ୍କ ରାଜ୍ୟ ବୋର୍ଡ ଡାଇରେକ୍ଟର ଜିତେନ୍ଦ୍ର ନାରାୟଣ ସିଂଦେଓ, ଜିଲ୍ଲା ବିଜେଡି ଉପସଭାପତି ପ୍ରଦିପ ମୁଣ୍ଡ, ଧର୍ମେନ୍ଦ୍ର ନାଏକ, ଜିଲ୍ଲା ମହିଳା ସଭାପତି ସବିତା ପ୍ରଧାନ, ବିଜେଡି ରାଜ୍ୟ ସାଧାରଣସମ୍ପାଦକ ଆଦିତ୍ୟ ନନ୍ଦ ବିଜେଡି ଜିଲ୍ଲା ଆଦିବାସୀ ସଭାପତି ପରମାନନ୍ଦ ମାଝୀ, ସାମନ୍ତ ଖମାରୀ, ବ୍ଲକ ସଭାପତି ମିନିକେତନ ପୂଝରୀ, ଅମ୍ବୁଜ ଧଙ୍ଗଡ଼ା ମାଝୀ ଶତ୍ରୁଘନ ରାଉତ, ତ୍ରିଲୋଚନ ପାଣିଗ୍ରାହୀ, ସେନାପତି ନାଏକ, ଦୀନେଶ ବଗର୍ତି, ମହେନ୍ଦ୍ର ରାଉତ, ସଂଯୁକ୍ତା ପ୍ରଧାନ, ହାରାମଣି ଗଣ୍ଡ, ମହମଦ ବର୍ଗତ ଖାନ, ସତ୍ୟନାରାୟଣ ଅଗ୍ରୱାଲ, ୟୁସୁଫ ଖାନ, ମହିନୀ ନାୟକ, ଭୋଳାନାଥ ନାଗ, ଦେବ ପୂଝରୀ, ବସନ୍ତ ନାଏକ, ବେଲାଲ ମାଝୀ, ହରିହର ସୁନା, ମଳୟ ରାଉତ, ଅନିଲ ସାହୁ, ମୋସୀମ ଖାନ, ହିମାଞ୍ଚଳ ନାଏକଙ୍କ ସମେତ ବ୍ଲକ କମିଟି ଓ ପଞ୍ଚାୟତ କମିଟିର ବହୁ କର୍ମକର୍ତ୍ତା ପୀଡିତ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିବେ। ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଡବଲ ଇଞ୍ଜିନ ସରକାରଙ୍କ ଶାସନ କାଳରେ ଓଡ଼ିଶାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିବା ସହ ଦଳିତ, ଆଦିବାସୀଙ୍କ ପ୍ରତି ବୈମାତୃକ ମନୋଭାବ ବୃଦ୍ଧି ପାଇ ଚାଲିଛି।



## ଜଳ ପରିମଳ ମିସନର ମାସିକ ବୈଠକ

# ଜଳ ଯୋଗାଣ ଅବହେଳା ବରଦାସ୍ତ କରାଯିବନି

ବୌଦ୍ଧ,୧୩।୫(ସମିସ)



ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଜିଲ୍ଲା ଜଳ ପରିମଳ ମିଶନର ବିଭାଗୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବୃହତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶୀଘ୍ର ସମାପ୍ତ କରିବା ପାଇଁ ଜିଲ୍ଲାପାଳ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଉପୁଜିଥିବା ବିଭିନ୍ନ ବାଧାକୁ ତତ୍ପରତାର ସହ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଳ ଯୋଗାଣ ଓ ବିଦ୍ୟୁତ ଯୋଗାଯୋଗ କ୍ଷେତ୍ରରେ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲ୍ଲାପାଳ କହିଛନ୍ତି। ସମୟ କ୍ରମେ ସମସ୍ତ ବିଦ୍ୟୁତ ସବ ଷ୍ଟେସନ ସହ ସୋଲାର ପାୱାର ସଂଯୁକ୍ତ ହେବ। ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ବିଦ୍ୟୁତ ବିଭାଗ ୨୪ ଘଣ୍ଟିଆ ବିଦ୍ୟୁତ ଯୋଗାଇବ। ବିଡିଓମାନେ ପ୍ରତ୍ୟେକ ଗାଁକୁ ଯାଇ ଜଳ ଯୋଗଣ ପାଇପ୍‌ରେ ବେଆଇନ ଭାବେ ଘରକୁ ଲାଗିଥିବା ପାଣି ପମ୍ପ ପୁଲିସ ସହାୟତାରେ ଜବତ କରିବେ। ଜିଲ୍ଲାରେ ସମୟ କ୍ରମେ ପ୍ରତି ଗ୍ରାମରେ ହର୍ ଘର୍ ଜଲ୍ ଯୋଜନାକୁ କାର୍ଯ୍ୟକାରୀ କରାଯିବ। ଉପସ୍ଥିତ ଏଲଏଣ୍ଡଟି କମ୍ପାନୀର ପ୍ରକଳ୍ପ ଅଧିକାରୀଙ୍କୁ ଜିଲ୍ଲାପାଳ ସମସ୍ତ ପ୍ରକଳ୍ପ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳ କଡ଼ା ତାଗିଦ କରିଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ସମସ୍ତ ବ୍ଲକର ବିଡିଓ, ବିଦ୍ୟୁତ ବିଭାଗ, ପୂର୍ତ୍ତ ବିଭାଗ, ଜାତୀୟ ରାଜପଥ ବିଭାଗ ଏବଂ କାର୍ଯ୍ୟ ନିର୍ବାହୀ ସଂସ୍ଥା ଏଲଆଣ୍ଡଟିର ଅଧିକାରୀ ପରସ୍ପର ମଧ୍ୟରେ ସମନ୍ୱୟ ରଖି ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମକୁ ଶତ ପ୍ରତିଶତ ସଫଳ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

**ହର୍ ଘର୍ ଜଲ୍ ଯୋଜନା କାର୍ଯ୍ୟକାରୀ ପାଇଁ ତତ୍ପରତା**

ବୌଦ୍ଧ ବ୍ଲକରେ ଗୋଟିଏ ମେଗା ଜଳ ଯୋଗାଣ ପ୍ରକଳ୍ପରୁ ୩୮୪ଟି ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୭୨ଟି ଓଭର ହେଡ ଟାଙ୍କିରୁ ୨୭୩ଟି ଗ୍ରାମକୁ ହର୍ ଘର୍ ଜଲ୍ ଯୋଜନାରେ ସାମିଲ କରାଯିବ। ସେହିପରି କଣ୍ଟାମାଳ ବ୍ଲକରେ ଗୋଟିଏ ମେଗା ଜଳ ଯୋଗାଣ ପ୍ରକଳ୍ପରୁ ୩୯୨ଟି ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୫୯ଟି ଓଭର ହେଡ ଟାଙ୍କିରୁ ୧୫୯ ଟି ଗ୍ରାମକୁ ହର୍ ଘର୍ ଜଲ୍ ଯୋଜନାରେ ସାମିଲ କରାଯିବ। ହରଭଙ୍ଗା ବ୍ଲକରେ ଗୋଟିଏ ମେଗା ଜଳ ଯୋଗାଣ ପ୍ରକଳ୍ପରୁ ୩୩୮ଟି ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୩୮ଟି ଓଭର ହେଡ ଟାଙ୍କିରୁ ବିଭିନ୍ନ ଗ୍ରାମକୁ ହର୍ ଘର୍ ଜଲ୍ ଯୋଜନାରେ ସାମିଲ କରାଯିବ। ସମସ୍ତ ଯୋଜନା ପାଇଁ ୫୨୪.୭୩ କୋଟି ଟଙ୍କା ବ୍ୟୟ ମଞ୍ଜୁର ହୋଇଛି ବୋଲି ସୂଚନା ଦିଆଯାଇଛି।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଗ୍ରାମ୍ୟ ଜଳ ଯୋଗାଣ ଅଧିକ୍ଷଣ ଯନ୍ତ୍ରୀ ପଲ୍ଲବୀ ସାମଲ, ଗ୍ରାମ୍ୟ ବିକାଶ ଅଧିକ୍ଷଣ ଯନ୍ତ୍ରୀ ମଧୁସ୍ମିତା ଦଳାଇ, ସମସ୍ତ ବ୍ଲକର ବିଡିଓ, ବିଦ୍ୟୁତ ବିଭାଗ ଯନ୍ତ୍ରୀ, କାର୍ଯ୍ୟ ନିର୍ବାହୀ ସଂସ୍ଥା ଏଲଆଣ୍ଡଟିର ଅଧିକାରୀ ଏବଂ ଜିଲ୍ଲାର ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବାଲ୍ୟବିବାହ ସୂଚନା ପାଇଲେ ତୁରନ୍ତ ଜଣାଇବାକୁ ପରାମର୍ଶ



ହରଭଙ୍ଗା,୧୩।୫ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ତିଲେଶ୍ୱର୍ ଗ୍ରାମରେ ବିଶ୍ୱ ଯୁବ କେନ୍ଦ୍ର ସଂସ୍ଥା ପକ୍ଷରୁ ଶିଶୁ କଲ୍ୟାଣ କମିଟିର ଏକ ସଚେତନତା ମୂଳକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ଯୁବ କେନ୍ଦ୍ରର ପୁନିଆ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ସମାଜରୁ ବାଲ୍ୟବିବାହ ଭଳି କୁପ୍ରଥାର ନିରାକରଣ ଓ ଶିଶୁମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ଓ ସୁନିଶ୍ଚିତ କରିବା ଉପରେ ଆଲୋଚନା କରାଯାଇଥିଲା। ଅଙ୍ଗନବାଡି କର୍ମୀ, ୱାଡର୍ ସଭ୍ୟ, ଆଶାକର୍ମୀ, ଗ୍ରାମର ବରିଷ୍ଠ ନାଗରିକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

ବାଲ୍ୟ ବିବାହର ଭୟାବହ କୁପରିଣାମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅପରିପକ୍ୱ ବୟସରେ ବିବାହ କରିବା ହେବା ଫଳରେ କିଶୋରୀମାନଙ୍କ ଶାରୀରିକ ଓ ମାନସିକ ବିକାଶ ବାଧାପ୍ରାପ୍ତ ହେବା, ସେମାନେ ଶିକ୍ଷାରୁ ବଞ୍ଚିତ ହେବା, ମାତୃ ମୃତ୍ୟୁ ଓ ପୌଷ୍ଟିକ ଅଭାବ ପରି ଗୁରୁତର ସମସ୍ୟା ମୁଣ୍ଡ ଟେକିବା ଆଦି ସମ୍ପର୍କରେ ଆଲୋକପାତ କରାଯାଇଥିଲା। ବାଲ୍ୟବିବାହ ନିଷେଧ ଆଇନ ଓ ସଂପୃକ୍ତ ଦଣ୍ଡ ବିଧାନ ବିଷୟରେ ମଧ୍ୟ ସମସ୍ତଙ୍କୁ ସଚେତନ କରାଯାଇଥିଲା। ସମାଜର ପ୍ରତ୍ୟେକ ବ୍ୟକ୍ତି ଏହି କୁପ୍ରଥା ବିରୋଧରେ ସଜାଗ ରହିବା ସହ ଯେକୌଣସି ବାଲ୍ୟବିବାହ ସଂପର୍କିତ ସୂଚନା ପାଇଲେ ତୁରନ୍ତ ପ୍ରଶାସନ କିମ୍ବା ସମ୍ପର୍କିତ ବିଭାଗକୁ ଜଣାଇବା ପାଇଁ ଆହ୍ୱାନ ଦିଆଯାଇଛି। ବୈଠକର ଶେଷ ପର୍ଯ୍ୟାୟରେ ସମସ୍ତ ଉପସ୍ଥିତ ବ୍ୟକ୍ତି ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ।

# ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ପରିଦର୍ଶନ



ହରଭଙ୍ଗା,୧୩।୫(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣା କଟକ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟକୁ ସ୍ଥାୟୀ ସ୍ୱିକୃତୀ ଓ ସହବନ୍ଧନ ପ୍ରଦାନ କରିବା ପାଇଁ ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ମୂରଲୀଧର ମାଝୀ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପରିଦର୍ଶନ କରି କାଗଜ ପତ୍ର ଯାଞ୍ଚ କରିଛନ୍ତି। ମହାବିଦ୍ୟାଳୟର ଭିତ୍ତିଭୂମି ବୁଲି ଦେଖିବା ସହ କର୍ମଚାରୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ପରୀକ୍ଷା ଫଳ, କ୍ୟାସ ବୁକ୍, ଲାଇବ୍ରେରୀ ଇତ୍ୟାଦି ଯାଞ୍ଚ କରିଥିଲେ। ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ତାରେନିଆ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ମଦ ବନ୍ଦ ପାଇଁ ରାମସେନାର ଦାବିପତ୍ର

ହରଭଙ୍ଗା,୧୩।୫(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମହାଲିକପଡା ପଞ୍ଚାୟତ ଭାବପୁର ଗ୍ରାମର ରାମସେନା ମଦ ବନ୍ଦ



ପାଇଁ ଦାବି କରିଛି। ଅଞ୍ଚଳରେ ବୃଦ୍ଧି ପାଉଥିବା ମଦ ବ୍ୟବସାୟ ବନ୍ଦ କରିବା ଲାଗି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଅଭିଯୋଗ ଶୁଣାଣିରେ ସେନା ଦାବିପତ୍ର ପ୍ରଦାନ କରିଛି। କୁସଙ୍ଗ, ଛତ୍ରଙ୍ଗ, ଉପର୍କଟା, ଆଡ଼ନୀଗାର୍ଡ, ପଞ୍ଚାୟତରେ ୪ଟି ଦେଶୀ ମଦ ଭାଟି ଏବଂ ହରଭଙ୍ଗା, ଚାରିଛକରେ ପୁରୁଣାକଟକ ଓ ବୀରନରସିଂହପୁରରେ ୪ଟି ବିଦେଶୀ ମଦ କାଉଣ୍ଟର ରହିଛି। ସେମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ବିକ୍ରି କରିବା ପରିବର୍ତ୍ତେ ବିଭିନ୍ନ ଗ୍ରାମରେ ଛୋଟ ଛୋଟ ଅବୈଧ କେନ୍ଦ୍ର ସୃଷ୍ଟି କରି ମଦ ପହଞ୍ଚାଉଛନ୍ତି। ଏ ସବୁ ଅବକାରୀ ବିଭାଗ ଜାଣିଥିଲେ ମଧ୍ୟ ନିରବ ରହୁଛି। ଏହାଫଳରେ ପ୍ରାୟ ପ୍ରତ୍ୟେକ ଗ୍ରାମରେ ମଦ୍ୟପାନକାରୀଙ୍କ ସଂଖ୍ୟା ବଢୁଛି। ଅଞ୍ଚଳର ସାମାଜିକ ପରିବେଶ ଦିନକୁ ଦିନ ଅସୁରକ୍ଷିତ ହୋଇପଡୁଛି। ରାମସେନା ସଭାପତି ରମେଶ ଚନ୍ଦ୍ର ପାତ୍ର ଜିଲ୍ଲାପାଳଙ୍କୁ ଜଣାଇଛନ୍ତି ଯେ, କୁସଙ୍ଗ, ମହାଲିକପଡା, ତଳଙ୍ଗା, ଛତ୍ରଙ୍ଗ, ହରଭଙ୍ଗା, ସଂକୁଲେଇ ଓ ଆଡ଼ନୀଗାର୍ଡ ପଞ୍ଚାୟତରେ ଖୋଲାଖୋଲି ଭାବେ ମଦ ବ୍ୟବସାୟ ଚାଲିଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସ୍କୁଲ, କଲେଜ ମନ୍ଦିର ଓ ବଜାର ନିକଟରେ ମଧ୍ୟ ମଦ ବିକ୍ରି ହେଉଥିବାରୁ ଯୁବପିଢ଼ି ଉପରେ କୁପ୍ରଭାବ ପଡୁଛି ବୋଲି ସେ ଅଭିଯୋଗ କରିଛନ୍ତି। ମଦ ବନ୍ଦ ପାଇଁ ବିଭିନ୍ନ ପଞ୍ଚାୟତରେ ଆନ୍ଦୋଳନ ଓ ପ୍ରତିବାଦ ତୀବ୍ର କରାଯିବ ବୋଲି ରାମସେନା ପକ୍ଷରୁ ସଚେତନ କରାଯାଇଛି।

# ରବିଶଙ୍କରଙ୍କ ଜୟନ୍ତୀରେ ବିଭିନ୍ନ କାର୍ଯ୍ୟକ୍ରମ




ବୌଦ୍ଧ,୧୩।୫(ସମିସ): ବୌଦ୍ଧ ସଦର ବ୍ଲକ ବଡ଼ିଗାଁ ପଞ୍ଚାୟତ ବଳାସିଙ୍ଗାସ୍ଥିତ ରିଜର୍ଭ ବାଟାଲିୟନରେ ବିଶ୍ୱ ପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଜୀଙ୍କ ୭୦ତମ ଜନ୍ମଦିନ ପାଳନ ଅବସରରେ ଆର୍ଟ ଅଫ ଲିଭିଂ, ବ୍ୟକ୍ତି ବିକାଶ କେନ୍ଦ୍ର ବୌଦ୍ଧ ଶାଖା ତରଫରୁ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଆର୍ଟ ଅଫ ଲିଭିଙ୍ଗର ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ବିଶ୍ୱାଳଙ୍କ ନେତୃତ୍ୱରେ ଯୋଗ ଶିକ୍ଷୟତ୍ରୀ ସୁନିତା ଦାଶ, ସୁଜ୍ଞାନ ପାତ୍ର ଓ କୃତ୍ତିବାସ ପଲିଆ ପ୍ରମୁଖ ଯୋଗଦେଇ ଶିବିର ପରିଚାଳନା କରିଥିଲେ। ଏହି ଶିବିରରେ ଯୋଗ, ଆସନ ଓ ପ୍ରଣାୟାମ ଶିକ୍ଷା ପ୍ରଦାନ କରାଯାଇଥିଲା। ସେହିପରି ବୌଦ୍ଧ ମ୍ୟୁଜିୟମ ଛକରେ ଦହି ସର୍ବତ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେଦାରନାଥ ସାହୁ ଯୋଗ ଦେଇଥିଲେ। ବିଜୟ ପ୍ରଧାନ ଆୟୋଜନ କରିଥିଲେ। ବୌଦ୍ଧ ଚନ୍ଦ୍ରଚୁଡ ମନ୍ଦିର ଆଳତୀ ଘାଟରେ ରବିଶଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି ଦେବାଶିଷ ପୁରୋହିତ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଯୋଗ ଦେଇଥିଲେ। ଚିତ୍ତରଞ୍ଜନ ଦାଶ, ସରୋଜ ସାହୁ, ଡ଼. ସୁଜାତା ସାହୁ, ବିଜୟ ସାହୁ, ବିଜୟ ପ୍ରଧାନ, ସୂର୍ଯ୍ୟନାରାୟଣ ପଣ୍ଡା, ଜ୍ୟୋତି ରଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## କଣ୍ଟାମାଳ ହାଇସ୍କୁଲ ଟପ୍ପରଙ୍କୁ ସମ୍ବର୍ଦ୍ଧନା




କଣ୍ଟାମାଳ,୧୩।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଅଧୀନ ସୁଲିଆ ଗ୍ରାମର ରାଜେନ୍ଦ୍ର ବାଘ ଏବଂ ଗୀତାଞ୍ଜଳି ଭୋଇଙ୍କ ପୁତ୍ର ଶ୍ରୀଓମ୍ ସ୍ୱପ୍ନିଲ ବାଘ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ୪୮୮ (୮୧%) ନମ୍ବର ରଖି ଏ-୨ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ କଣ୍ଟାମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ଆମ୍ବେଦକର ସୋସିଆଲ ଟ୍ରଷ୍ଟ ତାଙ୍କୁ ସମ୍ବର୍ଦ୍ଧିତ କରିଛି। ସଭାପତି ସୁନିଲ ହରିପାଲ, ସମ୍ପାଦକ ଲୁଭଧର ସୁନା, ରାଜେନ୍ଦ୍ର ବାଘ, ଚମରୁ ବାଘ, ସୁଶାନ୍ତ ଛତ୍ରିଆ, ବିଭୁଶଙ୍କର ରାଜହଂସ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଶାସନ ପଦକ୍ଷେପ ନେଲାନି



ବୌଦ୍ଧ, ୧୩।୫(ସମିସ): ବୌଦ୍ଧ ବ୍ଲକ୍ ଟିକରପଡା ପଞ୍ଚାୟତ ମଲ୍ଲିକପଡା ପିଣ୍ଡା ସାହି ରାସ୍ତାରେ ଗତ ରବିବାର ରାସ୍ତା ଉପରେ ଭାଙ୍ଗି ପଡିଥିବା ଗଛକୁ ପିଣ୍ଡାସାହି ଗ୍ରାମବାସୀ କାଟି ସଫା କରିଛନ୍ତି। ୩ ଦିନ ଧରି ଗୋଟିଏ ବିରାଟ ପିପ୍ପଳ ଗଛର ଶାଖା ରାସ୍ତା ଉପରେ ପଡିଥିଲା। ଏହାଦ୍ୱାରା ଯାତାୟାତ ବାଧାପ୍ରାପ୍ତ ହେଉଥିଲା। ଏହି ଗଛକୁ କାଟିବା ପାଇଁ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା। ଶେଷରେ ପିଣ୍ଡାସାହିର କିଛି ବ୍ୟକ୍ତି ଗଛକୁ କାଟି ରାସ୍ତା ପରିଷ୍କାର କରିଛନ୍ତି।

# ସୁବର୍ଣ୍ଣପୁରରେ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଉଦ୍‌ଘାଟିତ

ତରଭା,୧୩।୫(ସମିସ)

ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମ ନିକଟରେ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଯେ ସୋନପୁରରେ ଉତ୍ପାଦିତ ଶାଢୀର ସ୍ୱତନ୍ତ୍ର ପରିଚୟ ରହିଛି। ଏହାର ଚାହିଦା ବୃଦ୍ଧି ପାଉଥିବା ସହ ରାଜ୍ୟର ବିଭିନ୍ନ ମେଳାରେ ବିକ୍ରି ବଢୁଛି। ଏହି ଜିଲ୍ଲା ପଞ୍ଚାୟତ କେନ୍ଦ୍ରରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସମସ୍ତ ସଭ୍ୟସଭ୍ୟା, ସମାଜ କଲ୍ୟାଣ ବିଭାଗ ଅଙ୍ଗନବାଡ଼ି କର୍ମୀ, ପରିଦର୍ଶିକା ଓ ମିଶନ ଶକ୍ତି ବିଭାଗର କର୍ମଚାରୀ ଯଥା ଏମବିକେ ଓ ସିଆର୍‌ପିମାନଙ୍କ ସମେତ ଅନ୍ୟ ବିଭାଗ କର୍ମଚାରୀ ପାଇଁ ତାଲିମ ପ୍ରଦାନ ଲାଗି ସୁବିଧା ହେବ। ୨ କୋଟି ୨୯ ଲକ୍ଷ ୯୪ ହଜାର ଟଙ୍କା



ବ୍ୟୟରେ ନିର୍ମିତ ଏହି ସାଧନ କେନ୍ଦ୍ରର କ୍ଷମତା ୫୦ ରହିଛି। ଏଥିରେ ରହିବା ପାଇଁ ଆବଶ୍ୟକ ସୁବିଧା ବ୍ୟବସ୍ଥା ରହିଛି। ପୂର୍ବରୁ ସୁବର୍ଣ୍ଣପୁର ଜିଲ୍ଲାର ପଞ୍ଚାୟତ କର୍ମକର୍ତ୍ତା ତାଲିମ ପାଇଁ ଭବାନୀପାଟଣା ଓ ଭୁବନେଶ୍ୱର ଯାଉଥିଲେ। ଏବେ ସେମାନେ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ନେଇପାରିବେ। ଏହି କେନ୍ଦ୍ରର ପରିଚାଳନା ଦାୟିତ୍ୱ ଏକ ସ୍ୱତନ୍ତ୍ର ସଂସ୍ଥା ବହନ କରିବ ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଜିଲ୍ଲାପାଳ ନୃପରାଜ ସାହୁ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ ଯୋଗ ଦେଇଥିଲେ। ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ ସଭା ପରିଚାଳନା କରିଥିଲେ।

# ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀଙ୍କ ଚାରିଶମ୍ଭୁ ମନ୍ଦିର ପରିଦର୍ଶନ

ବୌଦ୍ଧ,୧୩।୫(ସମିସ): ବୌଦ୍ଧ ଜିଲ୍ଲା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅଧୀନ ଜଗତି ନିକଟସ୍ଥ ଚାରି ଶମ୍ଭୁ (ଗନ୍ଧରାଡ଼ି) ମନ୍ଦିରର ମରାମତି ଓ ରକ୍ଷଣା ବେକ୍ଷଣ କାର୍ଯ୍ୟ ଚାଲିଛି। ଭାରତୀୟ



ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ବରିଷ୍ଠ ଅଧିକାରୀ ଏହି ମନ୍ଦିର ପରିଦର୍ଶନ କରିଛନ୍ତି। ଆଜି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ସେକ୍ସନ ଅଫିସର୍ ମଦନ ମୋହନ ମିଶ୍ର ଓ କଞ୍ଜରଭେଟର ସୁଶାନ୍ତ କୁମାର ଗୋଛାୟତ ପହଞ୍ଚି ପରିଦର୍ଶନ କରିଥିଲେ। ଉପ ଜିଲ୍ଲାପାଳ ବିନୟ ଭୋଇ, ବୌଦ୍ଧ ବିଡ଼ିଓ ଯୁଗଳ କିଶୋର ବିଶ୍ୱାଳ, ପୂର୍ବତନ ବିଜେପି ସଭାପତି ବିପ୍ର ଚରଣ ମହାନ୍ତି, ଗନ୍ଧରାଡ଼ି ଲୋକ କଳା ମହୋତ୍ସବର ଉପଦେଷ୍ଟା ଭୋଳାଗିରି ସାହୁ, ସଂପାଦକ ଶମ୍ଭୁ ଗିରି, ସେବାୟତ ମନୋଜ ଗୁରୁ, ନୀଳକଣ୍ଠ ପାଣିଗ୍ରାହୀ, ସୁଶୀଲ ପାଣିଗ୍ରାହୀ, ସହ ସଂପାଦକ ସ୍ୱାଧୀନ ପ୍ରଧାନ, ଆଦି ଜେନା, ପ୍ରଚାର ପ୍ରସାର କମିଟିର ସଂଯୋଜକ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବଳାସିଙ୍ଗା ରିଜର୍ଭ ପଡ଼ିଆରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ

ବୌଦ୍ଧ,୧୩।୫(ସମିସ): ବୌଦ୍ଧ ବ୍ଲକ୍ ବଳାସିଙ୍ଗାସ୍ଥିତ ପୁଲିସ ରିଜର୍ଭ ପଡିଆରେ ଜିଲ୍ଲା ପୁଲିସ ପକ୍ଷରୁ ଗତ ସୋମବାରଠାରୁ ଆରମ୍ଭ ହୋଇ ଥିବା ଜୁଭେଣ୍ଟିକା କାର୍ଯ୍ୟକ୍ରମ



ମଙ୍ଗଳବାର ହୋଇଛି। କିଶୋର କିଶୋରୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ କ୍ରୀଡା ପ୍ରତିଯୋଗୀତା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଉପଖଣ୍ଡ ପୁଲିସ ଅଧିକାରୀ ଲରେନ୍ ରାଉତରାୟ, ଉପ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ଚନ୍ଦ୍ର ଡୁଙ୍ଗଡୁଙ୍ଗ ଓ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ଯୋଗ ଦେଇଥିଲେ।

# ବୌଦ୍ଧ ବିଧାୟକଙ୍କ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ପରିଦର୍ଶନ

ଜହ୍ନାପଙ୍କ,୧୩।୫(ସମିସ): ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ବୁଧବାର ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରିଛନ୍ତି। ପ୍ରଥମେ ଗନ୍ଧରାଡ଼ୀ ମନ୍ଦିର ପରିଦର୍ଶନ କରିବା ସହ ମରାମତି କାର୍ଯ୍ୟ ଦେଖିଥିଲେ। ପରେ ଡୁମ୍ବୁରୀବେଡାରେ ଏକ



ବୈଠକରେ ଯୋଗଦେଇ ଲୋକଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହାପରେ ଜଗତି-ଜଗନ୍ନାଥପୁର ରାସ୍ତା ବୁଲି ଦେଖିଥିଲେ। ସେଠାରୁ ସାପଦୋହଲିରେ ଥିବା ବଛାବଳଦ ପୀଠକୁ ଯାଇ ପୀଠ ଉନ୍ନତି ନିମନ୍ତେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପୀଠକୁ ରାସ୍ତା ନିର୍ମାଣ ଓ ରୋଷାଇ ଘର ନିର୍ମାଣ ନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ନାରାୟଣନଗରଠାରେ ନିର୍ମିତ ହେଉଥିବା ଲକ୍ଷ୍ମୀପ୍ରସାଦ ଶାନ୍ତି କମିଟି ଗୃହ ବୁଲି ଦେଖିଥିଲେ। ବୌଦ୍ଧ ଗ୍ରାମୀଣ ମଣ୍ଡଳ ସଭାପତି ସୁଶୀଲ ହୋତା, ବିକ୍ରମ ପ୍ରଧାନ, ମୋତିଲାଲ ମେହେର, ଲକ୍ଷ୍ମୀପ୍ରସାଦ ସମିତି ସଭ୍ୟ ପିଣ୍ଟୁ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ।

# ଷ୍ଟେଟ ବ୍ୟାଙ୍କ ତରଭା ଶାଖାର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ତରଭା,୧୩।୫(ସମିସ): ତରଭା ଏଇଏସ୍ କଲେଜ ନିକଟରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ତରଭା ଶାଖାର ନୂତନ କାର୍ଯ୍ୟାଳୟ ନିର୍ମାଣର ପ୍ରାୟ ୨ ବର୍ଷ ପରେ ଉଦ୍‌ଘାଟିତ



ହୋଇଛି। ବରଗଡ଼ ରିଜନ୍ ଆରଏମ୍ ମଧୁସୂଦନ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ହିମାଂଶୁ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଆରଏମ୍ ଶ୍ରୀ ରଥ ବ୍ରାଞ୍ଚ କର୍ମଚାରୀଙ୍କୁ ଗ୍ରାହକ ସେବା, ନିୟମ ପାଳନ, ବ୍ୟବସାୟ ବୃଦ୍ଧି ଏବଂ ଟିମ୍ ୱର୍କ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଫିଲ୍ଡ ଅଫିସର ଚନ୍ଦନ ମେହେର, ଆକାଉଣ୍ଟାଣ୍ଟ ରାଜା ବିକ୍ରମ ଭୋଇ, ରାକେଶ ଅଗ୍ରୱାଲ, ଜଗନ୍ନାଥ ମେହେର, ପିଙ୍କୁ ମେହେର, କୁନ୍ତୀ ବଗର୍ତ୍ତୀ, ରଶ୍ମିତା ସାହୁ, ଗୋବିନ୍ଦ ନାଗ, ଅନୀଲ ବାରିକ, ଶେଷଦେବ ସରଭଙ୍ଗ, ଦେବେରାଜ ମଲ୍ଲିକ, କିରଣ ଦଳବେହେରା, ସଞ୍ଜିତ ବଗର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁଗ୍ମ ଅନୁସନ୍ଧାନ କାମିଟର କଣ୍ଟାମାଳ ପଞ୍ଚାୟତ କଲେଜ ପରିଦର୍ଶନ



କାଣ୍ଟାମାଳ,୧୩।୫(ସମିସ): ବୌଦ୍ଧ ଜିଲ୍ଲାର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ ପଞ୍ଚାୟତ କଲେଜ, କଣ୍ଟାମାଳର ସ୍ଥାୟୀ ସ୍ୱୀକୃତି ନିମନ୍ତେ ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ମୁରଲୀଧର ମାଝୀ ଏବଂ ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ କମିଟି ପରିଦର୍ଶନ କରିଛନ୍ତି। ଏହି ଉଚ୍ଚସ୍ତରୀୟ କମିଟିରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ସମେତ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଅମିୟ ପଟେଲ, ଡ. ନିରୁଷ ଜେ. ଏକ୍କା ଏବଂ ସଞ୍ଜୀବ ସେଠ ଥିଲେ। କଲେଜର ଭିତ୍ତିଭୂମି, ଶୈକ୍ଷିକ ବାତାବରଣ ଏବଂ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ତଦାରଖ କରାଯାଇଛି। ଆଞ୍ଚଳିକ ନିର୍ଦ୍ଦେଶକ କଲେଜର ସମସ୍ତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ।

# ୭୨ କେଜି ଗଞ୍ଜେଇ ଜବତ

ବୌଦ୍ଧ,୧୩।୫(ସମିସ): ବୌଦ୍ଧ ଅବକାରୀ ଥାନା ପକ୍ଷରୁ ସୁନାଝରୀ ଜଙ୍ଗଲରୁ ୭୨ କେଜି ଗଞ୍ଜେଇ ଜବତ ହୋଇଛି। ସୁନାଝରୀ ନିକଟରେ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି



ଚାଲିଥିବା ଖବର ପାଇ ଆଜି ଭୋରରେ ଏକ ମିଳିତ ସ୍କ୍ୱାଡ୍ ଚଢଉ କରିଥିଲା। ଦୁଇଟି ଜରି ବସ୍ତାରେ ଥିବା ୭୨ କେଜି ଗଞ୍ଜେଇ ଜବତ କରିଥିଲା। ଅବକାରୀ ରେଞ୍ଜ ଇନ୍ସପେକ୍ଟର ଦିଲ୍ଲୀପ ଶତପଥୀ, ବୌଦ୍ଧ ଅବକାରୀ ମୋବାଇଲ୍ ସ୍କ୍ୱାଡ୍ ଇନ୍ସପେକ୍ଟର ସୁଧୀର ମିଶ୍ର, ବୌଦ୍ଧ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, କନେଷ୍ଟବଳ ସତ୍ୟ ନନ୍ଦନ ମୁଖି ପ୍ରମୁଖ ଚଢଉରେ ସାମିଲ ଥିଲେ।

